# NATIONAL NEWS BULLETIN (ODIA)

## 14 February - 2026

## Morning Bulletin : 7.15 a.m.

******************************

## <u>ମୁଖ୍ୟ ସମ୍ବାଦ</u>

- ପ୍ରଧାନମନ୍ତ୍ରୀ ଆଜି ଦିନିକିଆ ଆସାମ ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର କରିବେ ଶୁଭାରମ୍ଭ ।
- ନୂଆଦିଲ୍ଲୀରେ ଆସନ୍ତା ୧୬ ତାରିଖରୁ ହେବାକୁ ଥିବା ୫ ଦିନିଆ ଇଣ୍ଡିଆ ଏ.ଆଇ. ଇମ୍ପାକ୍ଟ ସମିଟ୍ ୨୦୨୬ରେ ଯୋଗଦେବେ ପ୍ରାୟ ୨୦ଟି ଦେଶର ନେତୃବୃନ୍ଦ ।
- ସଂକଟ ସମୟରେ ହିଁ ଯେକୌଣସି ଦେଶର ପ୍ରକୃତ ସାମର୍ଥ୍ୟର ପରିଚୟ ମିଳିଥାଏ, କହିଲେ ପ୍ରଧାନମନ୍ତ୍ରୀ ।

ଏବଂ

- ଆଇ.ସି.ସି. ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଗତକାଲିର ତୃତୀୟ ମ୍ୟାଚ୍‌ରେ ନେଦରଲ୍ୟାଣ୍ଡସ୍‌କୁ ୯୩ରନ୍‌ରେ ପରାସ୍ତ କଲା ଆମେରିକା ।

– ଆଜିର ମ୍ୟାଚ୍ ଗୁଡ଼ିକରେ ଆୟରଲାଣ୍ଡ-ଓମାନ୍, ଇଂଲଣ୍ଡ-ସ୍କଟ୍‌ଲାଣ୍ଡ ଏବଂ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବ ମୁକାବିଲା ।

# ପିଏମ୍-ଆସାମ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦିନିକିଆ ଆସାମ ଗସ୍ତରେ ଯିବେ । ଗୁଆହାଟୀଠାରେ ୫ହଜାର ୪୫୦କୋଟି ଟଙ୍କାର ଅଧିକ ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶ୍ରୀ ମୋଦୀ ଉଦ୍‌ଘାଟନ ଓ ଶୁଭାରମ୍ଭ କରିବାର କାର୍ଯ୍ୟସୂଚୀ ରହିଛି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ସମ୍ପର୍କରେ ଦିଆଯାଇଥିବା ସୂଚନା ଅନୁଯାୟୀ ଆଜି ଆରମ୍ଭ ହେବାକୁ ଥିବା ପ୍ରକଳ୍ପଗୁଡ଼ିକ ଡିଜିଟାଲ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ ଉଚ୍ଚଶିକ୍ଷା ଏବଂ ସାର୍ବଜନୀନ ପରିବହନ କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କରିବ । ପୂର୍ବାହ୍ନରେ ଶ୍ରୀ ମୋଦୀ ଡିବ୍ରୁଗଡର ମୋରାନ ବାଇପାସ୍‌ରେ ଅବତରଣ କରିବା ପରେ ଆକାଶମାର୍ଗରେ ଯୁଦ୍ଧବିମାନ ଏବଂ ହେଲିକପ୍ଟର ଗୁଡ଼ିକର ଉଡ଼ାଣ କୌଶଳକୁ ନିରୀକ୍ଷଣ କରିବେ । ଅପରାହ୍ଣରେ ୩ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟରେ ବ୍ରହ୍ମପୁତ୍ର ନଦୀ ଉପରେ ନିର୍ମିତ କୁମାର ଭାସ୍କର ବର୍ମା ସେତୁର ଉଦ୍‌ଘାଟନ କରିବେ । ଗସ୍ତ ଅବସରରେ ଆସାମର କାମରୂପ ଜିଲ୍ଲାର ଅମିନ ଗାଓଁଠାରେ ଉତ୍ତରପୂର୍ବ କ୍ଷେତ୍ର ପାଇଁ ଜାତୀୟ ତଥ୍ୟ କେନ୍ଦ୍ର ଏବଂ ଆଇଆଇଏମ୍ ଗୁଆହାଟୀର ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

# ପିଏମ୍ ହରିଆଣା ଇ-ବସ୍ ସେବା

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଜି ଭର୍ଚୁଆଲ୍ ମାଧ୍ୟମରେ ହରିଆଣାର ଚଣ୍ଡିଗଡ଼ ସେକ୍ଟର ୪୭ ଆଇ.ଏସ୍.ବି.ଟି.ଠାରେ  ନୂତନ ବୈଦ୍ୟୁତିକ ବସ୍ ସେବାର ଶୁଭାରମ୍ଭ କରିବେ । ୨୦୨୩ ମସିହା ଅଗଷ୍ଟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ପି.ଏମ୍. ଇ-ବସ୍ ସେବା ଯୋଜନା ଅଧୀନରେ ସରକାରୀ ଘରୋଇ ଭାଗିଦାରୀ ମଡେଲ ଅନୁଯାୟୀ ରାଜ୍ୟର ୧୬୯ଟି ସହର ଲାଗି ୧୦ ହଜାର ବସ୍ ଯୋଗାଇ ଦିଆଯାଇଛି । ଏଥିଲାଗି ୫୭ ହଜାର ୬୧୩ କୋଟି ଟଙ୍କା ବ୍ୟୟ କରାଯାଇଛି । ରାଜ୍ୟରେ ସବୁଜ ସହରାଞ୍ଚଳ ଯାତାୟତ ସୁବିଧା ଯୋଗାଇଦେବା ସହିତ ସଂଗଠିତ ବସ୍ ସେବା ସୁବିଧା ନ ଥିବା ସହରଗୁଡ଼ିକରେ ଆବଶ୍ୟକୀୟ ଭିତ୍ତିଭୂମି ବିକାଶ କରିବା ହେଉଛି ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ।

# ପିଏମ୍-ଇଟି ସମିଟ୍

ସଂକଟ ସମୟରେ ହିଁ ଯେକୌଣସି ଦେଶର ପ୍ରକୃତ ସାମର୍ଥ୍ୟର ପରିଚୟ ମିଳିଥାଏ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । ଗତକାଲି ସନ୍ଧ୍ୟାରେ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ୍ ଏକ ବୈଶ୍ୱିକ ବ୍ୟାବସାୟିକ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି ।

ଶ୍ରୀ ମୋଦୀ କହିଛନ୍ତି, ଅନେକ ବାଧାବିଘ୍ନ ସତ୍ତ୍ୱେ ଗତ ଏକ ଦଶନ୍ଧିରେ ମଧ୍ୟରେ ଭାରତରେ ଅଭୁତପୂର୍ବ ବିକାଶ ସାଧନ ହୋଇପାରିଛି । ଏହାଦ୍ୱାରା ଗଣତନ୍ତ୍ରକୁ ସୁଦୃଢ଼ କରିବା ସହିତ ସେବା ପ୍ରଦାନ ଦିଗରେ ନିରନ୍ତର ପ୍ରୟାସ ପ୍ରତିଫଳିତ ହୋଇଛି ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ବିଶ୍ୱବ୍ୟାପି ମହାମାରୀ, ଉତ୍ତେଜନା, ଯୁଦ୍ଧ ଏବଂ ଯୋଗାଣ ଶୃଙ୍ଖଳ ଭାଙ୍ଗିଯିବା ଭଳି ପ୍ରତିକୂଳ ସ୍ଥିତି ମଧ୍ୟରେ ଭାରତ ନିଜର ବିକାଶ ବଜାୟ ରଖିବା ଦିଗରେ ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛି । ଏକବିଂଶ ଶତାବ୍ଦୀର ଏହି ଦଶକରେ ଭାରତ ସଂସ୍କାର ଏକ୍ସପ୍ରେସ୍‌ରେ ଯାତ୍ରା କରୁଛି ।

ଏହି ଦଶକ ପ୍ରାରମ୍ଭରେ ଭାରତ ବିଶ୍ୱର ଏକାଦଶ ବୃହତମ ଅର୍ଥ ବ୍ୟବସ୍ଥା ରୂପେ ପରିଗଣିତ ହେଉଥିଲା । ମାତ୍ର ସରକାରଙ୍କ ବିଭିନ୍ନ ସଂସ୍କାର ମୂଳକ ପଦକ୍ଷେପର ଫଳ ସ୍ୱରୂପ ବର୍ତ୍ତମାନ ଆମ ଦେଶ ବିଶ୍ୱର ତୃତୀୟ ବୃହତମ ଅର୍ଥନୀତି ହେବା ଦିଗରେ ଅଗ୍ରସର ହେଉଛି ।

**V/O-**

ଶ୍ରୀ ମୋଦୀ କହିଛନ୍ତି, ସରକାର ବଜେଟ୍‌କୁ ବ୍ୟୟ କୈନ୍ଦ୍ରିକ ନୁହେଁ ବରଂ ଫଳାଫଳ କୈନ୍ଦ୍ରିକ କରିଛନ୍ତି । ଏଥିସହିତ ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି., ଯୋଜନା ଆୟୋଗ ବଦଳରେ ନୀତି ଆୟୋଗର ସୃଷ୍ଟି, ଧାରା ୩୭୦କୁ ରଦ୍ଦ କରିବା, ୩ ତଲାକ୍ ବିରୁଦ୍ଧରେ ଆଇନ୍ ଆଣିବା ଏବଂ ନାରୀ ଶକ୍ତି ବନ୍ଦନ ଅଧିନିୟମ ପ୍ରଣୟନ ଭଳି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଲାଗି ଦେଶର ଦ୍ରୁତ ଅଭିବୃଦ୍ଧି ସମ୍ଭବ ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ

ମତବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, ସରକାର ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନକୁ ଅଭିବୃଦ୍ଧିର ମୁଖ୍ୟ ବାହକ ରୂପେ ବିବେଚନା କରି ପଦକ୍ଷେପ ନେଉଛନ୍ତି ।

ଭାରତ ଆଜି ବିଶ୍ୱର ବିଭିନ୍ନ ରାଷ୍ଟ୍ରଙ୍କ ସହିତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିସାରିଛି । ଏହା ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଦେଶର ଆତ୍ମବିଶ୍ୱାସର ପ୍ରତିଫଳନ ବୋଲି ସେ କହିଛନ୍ତି । ଏହାଛଡ଼ା ଭାରତର ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥା ୟୁ.ପି.ଆଇ. ସମଗ୍ର ବିଶ୍ୱସ୍ତରରେ ଏକ ସକାରାତ୍ମକ ପ୍ରଭାବ ପକାଇଛି । ଏହି ବ୍ୟବସ୍ଥା ଦେଶର ପ୍ରତ୍ୟେକ ନାଗରିକଙ୍କ ଲାଗି ବ୍ୟାଙ୍କିଙ୍ଗ୍‌ସେବା ଓ ଆର୍ଥିକ ଲାଭ ପ୍ରଦାନ ଦିଗରେ ସଫଳ ହୋଇପାରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀ ସମ୍ବାଦ ପକ୍ଷରୁ ଆଜିଠାରୁ 'ପ୍ରକୃତିକି ବାତ୍ – ଆକାଶବାଣୀ କେ ସାଥ୍' ଏକ ନୂତନ କାର୍ଯ୍ୟକ୍ରମ ଆରମ୍ଭ ହେଉଛି । ଏହାର ପ୍ରଥମ ଅଧ୍ୟାୟରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ସହିତ ଆଲୋଚନା ସ୍ଥାନ ପାଇବ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଯାଦବ ପରିବେଶ ସଂରକ୍ଷଣ ଦିଗରେ ଭାରତର ସଫଳତା ଏବଂ ପ୍ରତିଶ୍ରୁତିବଦ୍ଧତା ସମ୍ପର୍କରେ ସୂଚାନ ଦେବେ ।

ଏହାଛଡ଼ା ଏ ଦିଗରେ ଅନ୍ୟାନ୍ୟ ମନ୍ତ୍ରଣାଳୟ ପକ୍ଷରୁ ମିଳିତ ଭାବେ ନିଆଯାଉଥିବା ପ୍ରୟାସ ଉପରେ ମଧ୍ୟ ସେ ଆଲୋକପାତ କରିବେ । ଆଜି ସନ୍ଧ୍ୟା ୫ଟା ୧୦ ମିନିଟ୍‌ରେ ୧୦୦ ଦଶମିକ୍ ୧ ଆକାଶବାଣୀ ଗୋଲ୍ଡରେ ଏହି ପଡ୍‌କାଷ୍ଟଟି ପ୍ରସାରିତ ହେବ । ଏହାଛଡ଼ା ନ୍ୟୁଜ୍ ଅନ୍ ଏୟାର୍ ଆପ୍ ଓ ନ୍ୟୁଜ୍ ଅନ୍ ଏୟାର୍ ଅଫିସିଆଲ୍ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ ।

## ଗୋୟଲ୍-ଏଫ୍‌ଟିଆଇ

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଭାରତ ବ୍ୟତୀତ ଅନ୍ୟ କୌଣସି ଦେଶ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ବ୍ରିଟେନ୍, ୟୁରୋପୀୟ ସଂଘ, ଚତୁରାଷ୍ଟ୍ରୀୟ ଇ.ଏଫ୍.ଟି.ଏ. ଏବଂ ଆମେରିକା ସହିତ ମୁକ୍ତ ବାଣିଜ୍ୟ ରାଜିନାମା ଏଫ୍.ଟି.ଏ. ଚୂଡ଼ାନ୍ତ କରିନାହିଁ । ନୂଆଦିଲ୍ଲୀରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ କହିଛନ୍ତି, ଭାରତ ଏହିସବୁ ମୁକ୍ତ ବାଣିଜ୍ୟ ରାଜିନାମାରେ ଚାଷୀ, ଦୁଗ୍ଧ କ୍ଷେତ୍ର ଏବଂ ଏମ୍.ଏସ୍.ଏମ୍.ଇ. ମାନଙ୍କର ସ୍ୱାର୍ଥକୁ ସୁରକ୍ଷା ଦେଇଛି । ଶ୍ରୀ ଗୋୟଲ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମିଶନ୍ ମୋଡ୍‌ରେ ସଂସ୍କାର ଏଜେଣ୍ଡାକୁ ଆଗକୁ ବଢ଼ାଇଛନ୍ତି । ସେ କହିଛନ୍ତି, ୩୮ଟି ଦେଶକୁ ୯ଟି ଏଫ୍.ଟି.ଏ. ଅଧୀନରେ ସାମିଲ କରାଯାଇଛି, ଯାହା ମିଳିତ ଭାବେ ବିଶ୍ୱ ଅର୍ଥନୀତିର ଦୁଇ

ତୃତୀୟାଂଶ । ଭାରତ ବିନା ବିଶ୍ୱ ମୂଲ୍ୟ ଶୃଙ୍ଖଳରେ କୃତ୍ରିମ ବୁଦ୍ଧିମତାର ବିସ୍ତାର କଷ୍ଟକର ହେବ ବୋଲି ଶ୍ରୀ ଗୋୟଲ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

# କ୍ରିକେଟ୍

ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଗତକାଲିର ତୃତୀୟ ମ୍ୟାଚ୍‌ରେ ଯୁକ୍ତରାଷ୍ଟ୍ର ଆମେରିକା' ନେଦରଲ୍ୟାଣ୍ଡସ୍‌କୁ ୯୩ରନ୍‌ରେ ପରାସ୍ତ କରିଛି । ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ଗ୍ରୁପ୍-ଏ'ରେ ଏହି ମ୍ୟାଚ୍‌ରେ ନେଦରଲ୍ୟାଣ୍ଡସ୍ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ଆମେରିକା ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୧୯୬ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ସାଇତେଜା ମୁକାମାଲ୍ଲା ସର୍ବାଧିକ ୭୯ରନ୍ କରିଥିଲେ । ୧୯୭ରନ୍ ବିଜୟ ଲକ୍ଷ୍ୟର ପିଛା କରି ନେଦରଲ୍ୟାଣ୍ଡସ୍ ୧୬ ଓଭରରେ ମାତ୍ର ୧୦୩ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲେ । ଆମେରିକା ପକ୍ଷରୁ ହରମିତ୍ ସିଂହ ୪ଟି ୱିକେଟ୍ ଅକ୍ତିଆର କରିବା ସହିତ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।

ପୂର୍ବରୁ ଦିଲ୍ଲୀରେ ଅନୁଷ୍ଠିତ ମ୍ୟାଚ୍‌ରେ ସଂଯୁକ୍ତ ଆରବ ଏମିରେଟସ୍ କାନାଡ଼ାକୁ ୫ ୱିକେଟ୍‌ରେ ଏବଂ କଲମ୍ବୋଠାରେ ଜିମ୍ବାୱେ' ଅଷ୍ଟ୍ରେଲିଆକୁ ୨୩ରନ୍‌ରେ ପରାସ୍ତ କରିଛନ୍ତି ।

ଆଜି ପୂର୍ବାହ୍ନ ୧୧ଟାରେ କଲମ୍ବୋଠାରେ ଆୟରଲାଣ୍ଡ ଓ ଓମାନ୍ ମଧ୍ୟରେ ମୁକାବିଲା ହେବାକୁ ଥିବା ବେଳେ ଇଂଲଣ୍ଡ ଅପରାହ୍ଣ ୩ଟାରେ କୋଲକାତଠାରେ ସ୍କଟ୍‌ଲାଣ୍ଡକୁ ଭେଟିବ । ସେହିଭଳି ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ  ଅନୁଷ୍ଠିତ ହେବାକୁ ଥିବା ମ୍ୟାଚ୍ ସନ୍ଧ୍ୟା ୭ଟାରେ ଅହମ୍ମଦାବାଦଠାରେ ଖେଳାଯିବ ।